# NATIONAL NEWS BULLETIN (ODIA)

**13 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଶ୍ୱ କଲ୍ୟାଣ ପାଇଁ ବ୍ରିକ୍ସ ରାଷ୍ଟ୍ରସମୂହର ସାମର୍ଥ୍ୟକୁ ଏକାଠି କରିବାରେ ଭାରତ ପ୍ରମୁଖ ଭୂମିକା ନିର୍ବାହ କରିବ-କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

\- ନୂଆଦିଲ୍ଲୀରେ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀର ଲୋଗୋ, ଥିମ୍ ଓ ୱେବ୍‌ସାଇଟ୍ ଉନ୍ମୋଚିତ ।

- ଗୁରୁତ୍ୱପୂର୍ଣ୍ଣ ଖଣିଜର ଗୁଣବତ୍ତା ଓ ଉପଲବ୍ଧତା ଲକ୍ଷ୍ୟ ହାସଲ ଦିଗରେ ୱାଶିଂଟନ୍ ଡିସିର ଖଣିଜ ମନ୍ତ୍ରିସ୍ତରୀୟ ବୈଠକ ସକରାତ୍ମକ ହୋଇଥିବା କେନ୍ଦ୍ରମନ୍ତ୍ରୀଙ୍କ ସୂଚନା ।

- କୃଷି ପ୍ରଧାନ ରାଜ୍ୟ ପଞ୍ଜାବ, ହରିୟାଣା ଓ ହିମାଚଳ ପ୍ରଦେଶରେ ଆଜି ପାଳନ ହେଉଛି ଅମଳର ପର୍ବ ଲୋହରୀ ।

\- କୃଷିଭିତ୍ତିକ ପର୍ବ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ।

ଏବଂ

- ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଇଣ୍ଡିଆ ଓପନ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆରମ୍ଭ ।

## ଜୟଶଙ୍କର-ବ୍ରିକ୍ସ

ଚଳିତବର୍ଷ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀର ଲୋଗୋ, ଥିମ୍ ଓ ୱେବ୍‌ସାଇଟ୍‌କୁ ଆଜି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଉନ୍ମୋଚନ କରିଛନ୍ତି । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି ସମ୍ମିଳନୀରେ ବିଶ୍ୱ କଲ୍ୟାଣ ପାଇଁ ବ୍ରିକ୍ସ ରାଷ୍ଟ୍ର ସମୂହର ସାମର୍ଥ୍ୟକୁ ଏକାଠି କରିବାରେ ଭାରତ ପ୍ରମୁଖ ଭୂମିକା ନିର୍ବାହ କରିବ । ଚଳିତବର୍ଷ ବ୍ରିକ୍ସ ୨୦ବର୍ଷ ସମ୍ପନ୍ନ କରିବାକୁ ଯାଉଛି । ଏହି ସମୟ ମଧ୍ୟରେ ବ୍ରିକ୍ସ ସଂଗଠନ ସମ୍ଭାବ୍ୟ ବଜାର ଓ ବିକାଶଶୀଳ ଅର୍ଥନୀତିକୁ ଏକ ଉଲ୍ଲେଖନୀୟ ମଞ୍ଚ ପ୍ରଦାନ କରିବାରେ ସକ୍ଷମ ହୋଇଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

ଗତ କିଛିବର୍ଷ ମଧ୍ୟରେ ବ୍ରିକ୍ସ ତା'ର କାର୍ଯ୍ୟସୂଚୀ ଓ ସଦସ୍ୟତା ବିସ୍ତାର କରିପାରିଛି । ଲୋକକୈନ୍ଦ୍ରିକ ବିକାଶ, ସଂଳାପ ସଂରଚନା ଓ ବାସ୍ତବ ସହଯୋଗ ବୃଦ୍ଧିରେ ବିଶ୍ୱସ୍ତରରେ ଦେଖାଦେଉଥିବା ପରିବର୍ତ୍ତନ ସହ ବ୍ରିକ୍ସ ତାଳମିଳାଇ ଚାଲିଛି ।

## ବୈଷ୍ଣବ କ୍ରିଟିକାଲ ମିନେରାଲ୍ସ

ଆମେରିକାର ୱାଶିଂଟନ ଡିସିଠାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଖଣିଜ ମନ୍ତ୍ରିସ୍ତରୀୟ ବୈଠକରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇଛନ୍ତି । ରେୟାର ଆର୍ଥ ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ବୈଷୟିକ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ଉପରେ ପ୍ରାଧାନ୍ୟ ଦିଆଯାଇଛି । ଏହି ଅବସରରେ ଶ୍ରୀ

ବୈଷ୍ଣବ କହିଛନ୍ତି ଭାରତ ଭଳି ଦେଶ ଯେଉଁଠାରେ ଇଲେକ୍ଟ୍ରୋନିକ୍ସର ଚାହିଦା ବୃଦ୍ଧି ପାଇବାରେ ଲାଗିଛି, ସେ କ୍ଷେତ୍ରରେ ଏଭଳି ବୈଠକ ଗୁରୁତ୍ୱ ବହନ କରୁଛି ।

ବୈଠକରେ ଅଂଶଗ୍ରହଣକାରୀ ରାଷ୍ଟ୍ରଗୁଡ଼ିକ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ଦିଗରେ ସେମାନଙ୍କର ଅଭିଜ୍ଞତା ଓ ପଦକ୍ଷେପ ବିଷୟରେ ଆଲୋଚନା କରିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି ଗୁରୁତ୍ୱପୂର୍ଣ୍ଣ ଖଣିଜର ଗୁଣବତ୍ତା ଓ ଉପଲବ୍ଧତା ଲକ୍ଷ୍ୟ ହାସଲ ଦିଗରେ ଏହି ବୈଠକ ସକରାତ୍ମକ ଥିଲା । ଏହି ବୈଠକରେ ଆମେରିକା ସମେତ ଅଷ୍ଟ୍ରେଲିଆ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ମେକ୍ସିକୋ, ଦକ୍ଷିଣକୋରିଆ ଓ ବ୍ରିଟେନର ଅର୍ଥମନ୍ତ୍ରୀ, ବାଣିଜ୍ୟ ଓ ଅର୍ଥବିଭାଗ ଅଧିକାରୀମାନେ ଯୋଗଦେଇ ନୂତନ ପ୍ରକଳ୍ପ ପାଇଁ ପାଣ୍ଠିଯୋଗାଣ, ପ୍ରଯୁକ୍ତିବିଦ୍ୟା ଆଦାନପ୍ରଦାନ, ବର୍ଜ୍ୟବସ୍ତୁରୁ ଖଣିଜ ପୁନଃଚକ୍ରଣ ଏବଂ ଗବେଷଣା ଉପରେ ସହଯୋଗ କରିବା ବିଷୟରେ ଆଲୋଚନା କରିଥିଲେ ।

## ଭିପି-ଡ୍ରଗ୍ସ

ଦେଶର ଯୁବପିଢ଼ି ନିଶାମୁକ୍ତ, ସୁସ୍ଥ ଏବଂ ଉଦ୍ଦେଶ୍ୟ ପରିଚାଳିତ ହେଲେ ହିଁ ବିକଶିତ ଭାରତର ପରିକଳ୍ପନା ସାକାର ହୋଇପାରିବ ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି । ଆଜି ଦିଲ୍ଲୀ ବିଶ୍ୱବିଦ୍ୟାଳୟର

ନିଶାଦ୍ରବ୍ୟ ମୁକ୍ତ କ୍ୟାମ୍ପସ ଅଭିଯାନକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି କହିଛନ୍ତି ଏହି ଅଭିଯାନ ସରକାରଙ୍କ ‘ନଶାମୁକ୍ତ ଭାରତ ଅଭିଯାନ’ ସହିତ ଦୃଢ଼ଭାବେ ଜଡିତ । ନିଶାଦ୍ରବ୍ୟର ଅପବ୍ୟବହାର ଏକ ସାମାଜିକ ଆହ୍ୱାନ, ଏକ ଜନସ୍ୱାର୍ଥ ସମସ୍ୟା ଏବଂ ଦେଶର ଜନସାଙ୍ଖିକ ଲାଭାଂଶ ପ୍ରତି ଏକ ବିପଦ ବୋଲି ଶ୍ରୀ ରାଧାକୃଷ୍ଣନ କହିଛନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜକୁ ନିଶାଦ୍ରବ୍ୟଠାରୁ ଦୂରରେ ରଖିବା ଆଜିର ସମୟର ଆବଶ୍ୟକତା ହୋଇଛି । ନିଶାଦ୍ରବ୍ୟ ସେବନ ଲୋକଙ୍କ ଶାରିରୀକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ନଷ୍ଟ କରିଥାଏ । ନିଶାଦ୍ରବ୍ୟ ଅପବ୍ୟବହାର ବିରୋଧରେ ଲଢ଼ିବା ଏବଂ ସମସ୍ତଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଉପରେ ଉପରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି ।

## ଆର୍ମୀ ଚିଫ୍

ଅପରେସନ ସିନ୍ଦୂର କାର୍ଯ୍ୟ କରିବା ଏବଂ ପ୍ରତିକ୍ରିୟା ପ୍ରକାଶ କରିବା ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନତା ସହିତ ତ୍ରିସେବା ସମନ୍ୱୟର ସର୍ବୋତ୍ତମ ଉଦାହରଣ ବୋଲି ସ୍ଥଳ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଜେନେରାଲ ଦ୍ୱିବେଦୀ କହିଛନ୍ତି ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସର୍ବୋଚ୍ଚସ୍ତରରେ ନିର୍ଣ୍ଣାୟକ ଜବାବ ଦେବାକୁ ଏକ ସ୍ପଷ୍ଟ ନିଷ୍ପତ୍ତି

ନିଆଯାଇଛି । ଅପରେସନ ସିନ୍ଦୂର ସାଂଘାତିକ ଆକ୍ରମଣରେ ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ଧ୍ୱଂସ କରିବାର ରଣନୈତିକ ଆକଳନକୁ ପୁନଃନିର୍ଦ୍ଧାରଣ କରିଥିଲା । ଭାରତୀୟ ସଶସ୍ତ୍ର ବାହିନୀ ୯ଟି ଲକ୍ଷ ମଧ୍ୟରୁ ୭ଟିକୁ ସଫଳତାର ସହ ଧ୍ୱଂସ କରିଦେଇଛି ଏବଂ ପାକିସ୍ତାନର କାର୍ଯ୍ୟକଳାପର ସଠିକ ଜବାବ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ଜେନେରାଲ ଦ୍ୱିବେଦୀ କହିଛନ୍ତି ।

## ଲୋହରୀ

କୃଷିପ୍ରଧାନ ରାଜ୍ୟ ପଞ୍ଜାବ, ହରିୟାଣା, ହିମାଚଳପ୍ରଦେଶ ଓ ଏହାର ଆଖପାଖ ଅଞ୍ଚଳରେ ଶସ୍ୟ ଅମଳର ଉତ୍ସବ ଲୋହରୀ ଆଜି ପାଳନ କରାଯାଉଛି । ଏହି ପର୍ବ ଫସଲ ଅମଳର ଆନନ୍ଦ ଏବଂ ସୂର୍ଯ୍ୟଙ୍କ ଉତ୍ତରାୟଣ ଯାତ୍ରା ସହିତ ଜଡିତ । ପାରମ୍ପରିକ ନାଚଗୀତରେ ପାଳନ ହେଉଥିବା ଏହି ପର୍ବ ପାରସ୍ପରିକ ପ୍ରେମ ଏବଂ ଏକତାର ବାର୍ତ୍ତା ପ୍ରଦାନ କରିଥାଏ ।

ଆଜିଠାରୁ ପାଳନ ହେଉଥିବା ଲୋହରୀ ସହିତ ମକରସଂକ୍ରାନ୍ତି, ପୋଙ୍ଗଲ ଏବଂ ମାଘ ବିହୁ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି ଏହି ପର୍ବଗୁଡ଼ିକ ଦେଶର ସମୃଦ୍ଧ କୃଷି ପରମ୍ପରା ପ୍ରତୀକ ଏବଂ ଏହା ଜାତୀୟ ଏକତାର ଭାବନାକୁ ପ୍ରତିଫଳିତ କରେ । ଭାରତର ଜୀବନ୍ତ ଏବଂ ବିବିଧ

ସାଂସ୍କୃତିକ ଐତିହ୍ୟ ଉପରେ ଆଲୋକପାତ କରିବା ସହ ଏହି ଅବସରରେ ରାଷ୍ଟ୍ରପତି ଦେଶର କୃଷକମାନଙ୍କ କଠିନ ପରିଶ୍ରମ ଏବଂ ସମର୍ପଣ ଭାବକୁ ଅଭିନନ୍ଦନ ଜଣାଇଛନ୍ତି । ଦେଶର ବିଭିନ୍ନ ଭାଗରେ ପାଳନ କରାଯାଉଥିବା ପର୍ବଗୁଡ଼ିକ ପ୍ରକୃତିମାତା ପ୍ରତି ସାମୁହିକ କୃତଜ୍ଞତା ବ୍ୟକ୍ତ କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି । ସମାଜରେ ପ୍ରେମ ଏବଂ ସଂହତିର ଭାବନା ଅଧିକ ଶକ୍ତିଶାଳୀ ହୋଇ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ଏହି ପର୍ବ ସମସ୍ତଙ୍କୁ ପ୍ରେରଣା ଯୋଗାଇବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି ।

## ଗୁଜୁରାଟ-ଅମିତ ଶାହା

ଆସନ୍ତାବର୍ଷ ଶେଷସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଉଭା ହେବ ବୋଲି ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଗୁଜୁରାଟର ଗାନ୍ଧୀନଗର ଜିଲ୍ଲାରେ ଅବସ୍ଥିତ ତାଙ୍କ ଜନ୍ମସ୍ଥାନ ମନସାରେ ୨୬୭କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ ଏବଂ ଉଦ୍‌ଘାଟନ କରିବା ଅବସରରେ ଜନସଭାକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି ଭାରତକୁ ପ୍ରତ୍ୟେକ କ୍ଷେତ୍ରରେ ବିଶ୍ୱସ୍ତରୀୟ ନେତୃତ୍ୱ ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାର ପ୍ରତିବଦ୍ଧ । ଏହି ଅବସରରେ ଶ୍ରୀ ଶାହା ସୋମନାଥ ମନ୍ଦିରକୁ ଦେଶର ପରିଚୟ ଏବଂ ସ୍ୱାଭିମାନର ପ୍ରତୀକ ଭାବେ ବର୍ଣ୍ଣନା କରିଛନ୍ତି । ଶ୍ରୀ ଶାହା କହିଛନ୍ତି ସୋମନାଥ ମନ୍ଦିରର ହଜାରେ ବର୍ଷର ଗୌରବମୟ ଇତିହାସକୁ ପ୍ରଦର୍ଶନ କରିବା ଏବଂ ଭବିଷ୍ୟତ ପୀଢ଼ିକୁ ସ୍ୱାଭିମାନର ସହ ଏହି ଐତିହ୍ୟ ପ୍ରଦାନ

କରିବା ପାଇଁ ସରକାର ବର୍ଷବ୍ୟାପୀ ସୋମନାଥ ସ୍ୱାଭିମାନ ପର୍ବ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ଶ୍ରୀ ଶାହା କହିଛନ୍ତି ଅହମ୍ମଦାବାଦ କ୍ରୀଡ଼ା କ୍ଷେତ୍ରରେ ଏକ ନୂତନ ବିଶ୍ୱସ୍ତରୀୟ କେନ୍ଦ୍ର ଭାବେ ଉଭା ହେଉଛି । ଅହମ୍ମଦବାଦ ସହରରେ ୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ପାଇଁ ପ୍ରୟାସ ଚାଲିଛି । ମନସାରେ ନବନିର୍ମିତ କ୍ରୀଡ଼ା ସଂକଳନର ପୂରା ଲାଭ ଉଠାଇବାକୁ ଶ୍ରୀ ଶାହା ସ୍ଥାନୀୟ ଖେଳାଳିମାନଙ୍କୁ ନିବେଦନ କରିଛନ୍ତି ।

## ପ୍ରେସିଡେଣ୍ଟ ବ୍ଲାଇଣ୍ଡ

ଚଳିତବର୍ଷ ସାଧାରଣତନ୍ତ୍ର ଦିବସରେ ନୂଆଦିଲ୍ଲୀଠାରେ ଆୟୋଜିତ ଉତ୍ସବରେ ଯୋଗଦେବାଲାଗି ଭାରତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟିମ୍‌ର ଅଧିନାୟକ ଦୀପିକାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିମନ୍ତ୍ରଣ କରିଛନ୍ତି । ଡାକ ବିଭାଗର ଅଧିକାରୀମାନେ ଆନ୍ଧ୍ରପ୍ରଦେଶର ଶ୍ରୀ ସତ୍ୟସାଇ ଜିଲ୍ଲାର ଅମରାପୁରମ ମଣ୍ଡଳସ୍ଥିତ ତାମ୍ବାଲାହାଟିସ୍ଥିତ ଦୀପିକାଙ୍କ ଘରକୁ ଯାଇ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣପତ୍ର ହସ୍ତାନ୍ତର କରିଛନ୍ତି ।

ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ପାଇ ଦୀପିକା ଖୁସିବ୍ୟକ୍ତ କରି କହିଛନ୍ତି, ଏହା ତାଙ୍କପାଇଁ ଏକ ଗର୍ବର ମୁହୂର୍ତ୍ତ ଆଣିଦେଇଛି । ଦେଶର ସାଧାରଣତନ୍ତ୍ର ଦିବସ ଉତ୍ସବରେ ଯୋଗଦେବା ତାଙ୍କପାଇଁ ସ୍ମରଣୀୟ ହେବା ସହ ଏକ ବଡ ସମ୍ମାନ ବୋଲି ଦୀପିକା କହିଛନ୍ତି ।

## ଆଇଏମ୍‌ଡି ୱେଦର

ଦେଶରେ ଶୀତଲହରୀ ଜାରି ରହିଛି । ଆଜି ଦିଲ୍ଲୀ, ହରିୟାଣା, ଚଣ୍ଡିଗଡ ଏବଂ ପଞ୍ଜାବରେ ଅତି ଘନକୁହୁଡି ପାଇଁ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ସେହିପରି ଓଡ଼ିଶା ସମେତ ହିମାଚଳପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ, ପଶ୍ଚିମ ଉତ୍ତରପ୍ରଦେଶ, ହରିୟାଣା, ଚଣ୍ଡୀଗଡ, ଦିଲ୍ଲୀ ଏବଂ ପଞ୍ଜାବରେ ଆଜି ଦିନତମାମ ଶୀତଲହରୀ ଜାରି ରହିଛି । ଆଗାମୀ ଦୁଇଦିନ ଧରି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ହ୍ରାସ ପାଇବା ନେଇ ପାଣିପାଗ ବିଭାଗ ଆକଳନ କରିଛି ।

ଅନ୍ୟପକ୍ଷରେ ତାମିଲନାଡୁ, ପୁଡୁଚେରୀ ଏବଂ କରାଇକଲରେ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି ।

## ବ୍ୟାଡ୍‌ମିଣ୍ଟନ୍‌-ଇଣ୍ଡିଆ ଓପନ୍‌

ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଇନ୍‌ଡୋର ଷ୍ଟାଡିୟମ୍‌ରେ ଆଜିଠାରୁ ଇଣ୍ଡିଆ ଓପନ୍‌ ବ୍ୟାଡ୍‌ମିଣ୍ଟନ୍‌ ପ୍ରତିଯୋଗିତା ଆରମ୍ଭ ହୋଇଛି । ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ପି.ଭି. ସିନ୍ଧୁ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି । ଏବେ ବିଶ୍ୱର ୧୮ତମ ର୍‍ୟାଙ୍କିଂପ୍ରାପ୍ତ ସିନ୍ଧୁ ଦୀର୍ଘ ସମୟ ଧରି ଆହତ ରହିବା ପରେ ପ୍ରତିଯୋଗିତାକୁ ଫେରିଛନ୍ତି । ନିକଟରେ ସିନ୍ଧୁ ମାଲେସିଆ ଓପନ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ସେମିଫାଇନାଲରେ

ପହଞ୍ଚିଥିଲେ । ସିନ୍ଧୁଙ୍କ ସମେତ ମାଳବିକା ବଂଶୋଦ ଏବଂ ତନ୍‌ଭୀ ଶର୍ମା ମଧ୍ୟ ଏହି ମହିଳା ଏକକ ପ୍ରତିଯୋଗିତାରେ ଭାଗ ନେଇଛନ୍ତି ।

ମହିଳା ଡବଲ୍ସରେ ତ୍ରିସା ଜଲି ଏବଂ ଗାୟତ୍ରୀ ଗୋପିଚାନ୍ଦ ଭାଗ ନେବେ ।

ଆଜି ପୁରୁଷ ଏକକ ପ୍ରଥମ ମ୍ୟାଚ୍‌ରେ ଭାରତର ଲକ୍ଷ୍ୟ ସେନ ଏବଂ ଆୟୁଷ ସେଟ୍ଟୀ ଅବତୀର୍ଣ୍ଣ ହେବେ । ପୂର୍ବର ବିଶ୍ୱ ଚାମ୍ପିୟନ କିଦାମ୍ବି ଶ୍ରୀକାନ୍ତ ଏବଂ ଏଚ୍. ଏସ୍. ପ୍ରଣୟ, ବିଶ୍ୱର ତିନି ନମ୍ବର ମାନ୍ୟତାପ୍ରାପ୍ତ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ୍ ସେଟ୍ଟୀ ଏହି ପ୍ରତିଯୋଗିତାରେ ଭାଗ ନେବେ ।

## ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର୍ ଲିଗ୍‌ରେ ଆଜି ନଭି ମୁମ୍ବାଇର ଡକ୍ଟର ଡି.ୱାଇ. ପାଟିଲ୍ କ୍ରୀଡ଼ା ଏକାଡେମୀରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଜାଏଣ୍ଟସ୍ ମଧ୍ୟରେ ମୁକାବିଲା ହେବ ।

ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୯ ୱିକେଟ୍‌ରେ ୟୁ.ପି. ୱାରିୟର୍ସ୍‌କୁ ପରାସ୍ତ କରିଛି ।